# ମାଉସୀ ମା' - ଅର୍ଦ୍ଧଶୋଷିଣୀ ଦେବୀ

ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି

**ଉପକ୍ରମଣିକା :-**

ଶ୍ରୀଜଗନ୍ନାଥ ତ' ଜଗତବାସୀଙ୍କ କଥା ଶୁଣନ୍ତି, ବୁଝନ୍ତି ଓ ଆବଶ୍ୟକ ନିଷ୍ପତ୍ତି ନିଅନ୍ତି । ତାଙ୍କର କିନ୍ତୁ ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଯିଏ ଯାଇଛି, ଯିଏ ଆସିଛି, ସେ ହିଁ ଜଗତ ଓ ଏହି ଜଗତର ମୁଖ୍ୟ ବିନ୍ଧାଣୀ ସେହି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ପାଖକୁ ଗଲେ ତମକୁ ସେ କୋଳେଇ ନେବେ । ସେଠି ଶିଷ୍ୟ ଗୁରୁର ସମ୍ପର୍କ ନାହିଁ । ସେଠି ଦୁଇ ବନ୍ଧୁର ସମ୍ପର୍କ । ଅଭୁକ୍ତ ଥାଇ ଅର୍ଚ୍ଚକ ରତ୍ନ ସିଂହାସନରେ ବସି ପୂଜା କରେ ନାହିଁ । ନିଜର ଉଦର ହବିଷାନ୍ନରେ ଭରି ଅର୍ଚ୍ଚକ ପୂଜାପଣ୍ଡା ସାମନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପୂଜାରେ ବସନ୍ତି ।

ଏମିତି ନିଚ୍ଛକ ମାନବୀୟ ସ୍ତରକୁ ଓହ୍ଲାଇ ଆସିଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ଆଉ କେହି ନାହିଁ ।

ତେଣୁ ମାନବୀୟ ଲୀଳାରେ ତାଙ୍କର ମାଉସୀ ମା'ଙ୍କୁ ଶଙ୍ଖୋଳିବାକୁ ହିଁ ପଡ଼େ ବୋଲି ସେ ଗୁଣ୍ଡିଚା ଘରୁ ଫେରିବା ବାଟରେ ମାଉସୀ ମା'ଙ୍କ ଘରଦେଇ ଫେରନ୍ତି ।

କାହିଁ କେଉଁ ସୁଦୂର ଅତୀତରେ ପୁରୀ ବଡ଼ଦାଣ୍ଡକୁ ଦୁଇଭାଗ କରି ବଳବଡ଼ର ଗଣ୍ଡ (ବଳଗଣ୍ଡି) ସୃଷ୍ଟି କରି ବହି ଯାଇଥିବା ନଦୀର ଆର ପାଖରେ ରହି ପିଲାମାନଙ୍କୁ ଦେଖିବାର ଅନିର୍ବାର ଆକାଙ୍କ୍ଷା ମାଉସୀ ମା'ଙ୍କର । ଅସରନ୍ତି ଶ୍ରଦ୍ଧାରେ ସେ ନାନାଦି ସାମଗ୍ରୀ ସଂଗ୍ରହ କରି ପ୍ରସ୍ତୁତ କରିଥାନ୍ତି ପୋଡ଼ପିଠା । ମାଉସୀ ମା'ର ଶ୍ରଦ୍ଧା ଆକୁଳିତ ପ୍ରାଣର ସଂସ୍ପର୍ଶ ପାଇଁ ଚତୁର୍ଦ୍ଧାଠାକୁର ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ ଅଟକିଯାନ୍ତି । ପରେ ପରେ ପୁନଶ୍ଚ ଭେଳାରେ ନଦୀର ପରପାଖକୁ ଯିବାକୁ ପଡ଼େ । ସେଠାରେ ଅପେକ୍ଷାରତ ତିନି ରଥରେ ଗୁଣ୍ଡିଚା ଘରକୁ ଯା'ନ୍ତି । ପୁଣି ସାତଦିନ ପରେ ଫେରନ୍ତି । ମାଉସୀ ମା'ଙ୍କ ବୟସ ଅଧିକ । ଆହାର କମିଗଲାଣି । ସେ ତେଣୁ ଅର୍ଦ୍ଧାଶନୀ । ହେଲେ ଆପଣାର ନାତିନାତୁଣୀମାନଙ୍କୁ ଦେଖିବାର ଯେଉଁ ଆନନ୍ଦ, ସେହି ଆନନ୍ଦର ବଳରେ ମାଉସୀ ମା'ଙ୍କର ଶୀର୍ଣ୍ଣ ଶରୀରରେ ସଂଚରି ଯାଏ ଅନେକ ବଳ । ମାଉସୀ ମା'ଙ୍କ ପାଇଁ ଫଳ ଫୁଲର ଉପହାର ଶ୍ରୀଜୀଉମାନେ ଅର୍ଚ୍ଚକଙ୍କ ହାତରେ ପଠାନ୍ତି ଓ ମାଉସୀ ମା'ଙ୍କର ହାତରନ୍ଧା ପୋଡ଼ପିଠା ଶ୍ରୀଜୀଉମାନଙ୍କ ଠାରେ ଭୋଗ ଲାଗେ ।

କାଳର କୁଟିଳ ଗତିରେ ବଳବଡ଼ର ଗଣ୍ଡର ସ୍ରଷ୍ଟା ହାତୀଗାଧୁଆ ନଦୀ ଆଉ ବହୁନାହିଁ । ବଳବଡ଼ର ଗଣ୍ଡ ବା ବଳଗଣ୍ଡ ଏବେ ବଡ଼ଦାଣ୍ଡର ମଧ୍ୟଭାଗରେ ଥିବା ଏକ ଅଂଶ । ମାତ୍ର ମାଉସୀ ମା'ଙ୍କ ପୋଡ଼ପିଠା ଭୋଗ ପାଇଁ ଏଠାରେ ନନ୍ଦିଘୋଷ ରଥ ଅଟକେ । ଶ୍ରୀଜୀଉଙ୍କ ଠାରେ ପୋଡ଼ପିଠା ଭୋଗ ଲାଗେ ।

**ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧାଶନୀ ମାଉସୀଙ୍କ ସହ ରତ୍ନ ସିଂହାସନ ଆରୂଢ଼ା ମା' ସୁଭଦ୍ରାଙ୍କ ସମ୍ପର୍କ :-** ଯେହେତୁ ଶ୍ରୀଜଗନ୍ନାଥ ଅପୌରୁଷେୟ ଓ ଅଯୋନିସମ୍ଭୂତ, ତେଣୁ ତାଙ୍କର ମା' ରହିବା ଅପ୍ରାସଙ୍ଗିକ । ମା' ଯେତେବେଳେ ନାହାନ୍ତି, ସେତେବେଳେ ମା'ଙ୍କର ଅନୁଜା ମାଉସୀ ଆସିବା ମଧ୍ୟ ଅପ୍ରାସଙ୍ଗିକ । ଏହା ହିଁ ଶାସ୍ତ୍ରୀୟ ମତ । ତେଣୁ ମାଉସୀ ମା' ଶ୍ରୀଜୀଉମାନଙ୍କୁ କେନ୍ଦ୍ରାୟିତ କରି ପ୍ରଚଳିତ ଲୋକଗାଥା ଓ ଲୋକକଥାର ଏକ ବହୁ ଆଦୃତ ପ୍ରତିବିମ୍ବିତ ରୂପ । ତେବେ ଏ ଲୋକ ପ୍ରଥାର ସୃଷ୍ଟିର ରହସ୍ୟ କ'ଣ ?

ଏଥିପାଇଁ ରତ୍ନ ସିଂହାସନାରୂଢ଼ା ମା' ସୁଭଦ୍ରାଙ୍କ ଅନୁଶୀଳନ ହିଁ ପ୍ରଜ୍ଞାର ରାସ୍ତା ଉନ୍ମୋଚନ କରିବ । ମୂଳତଃ ଦେବୀ ସୁଭଦ୍ରା ଶକ୍ତିଭାବେ ପ୍ରତିଷ୍ଠିତା ହେତୁ ତାହାଙ୍କୁ ଜଗଜ୍ଜନନୀ ଓ ଆଦ୍ୟାଶକ୍ତି ଭାବରେ ସ୍ୱୀକାର କରାଯାଏ । ଗୁଣୀଜନ ଓ ପଣ୍ଡିତ ତଥା ଭକ୍ତ ପାଖରେ ସେ ତେଣୁ ଜଗଜ୍ଜନନୀ ଆଦ୍ୟାଶକ୍ତି । ସେଥିପାଇଁ ସେ ହିରଣ୍ୟଗର୍ଭା, ହିରଣ୍ୟଗର୍ଭଙ୍କର ଇଚ୍ଛା ଓ ଇଚ୍ଛାର ପରିଣାମ ଯୋଗମାୟା ଆଦିଶକ୍ତି ସୁଭଦ୍ରା । ବ୍ରହ୍ମ ମଧ୍ୟରେ ଯୋଗମାୟା ହିଁ ମୂଳ ପ୍ରକୃତି ରୂପରେ ପ୍ରତିଷ୍ଠିତା । ବିସର୍ଗାତ୍ମିକା ବିଷ୍ଣୁମାୟା ଊର୍ଦ୍ଧ୍ୱ ମାତ୍ରାରେ ବ୍ରହ୍ମ ସହ ବିଲୀନା ଓ ଅଧୋମାତ୍ରାରେ ଜଗତ କଳ୍ପନାରେ ପ୍ରତିଷ୍ଠିତା । ତେଣୁ କରପଲ୍ଲବଶୂନ୍ୟା ନିର୍ଲିପ୍ତା, ନିପୁଣ ପରାଶକ୍ତି ସୁଭଦ୍ରାଙ୍କର ଜୀବଚୈତନ୍ୟ ବଳଭଦ୍ର ଓ ବ୍ରହ୍ମଚୈତନ୍ୟ ଜଗନ୍ନାଥଙ୍କ ମଧ୍ୟରେ ସ୍ଥିତି । ଏହା ହିଁ ପୁରୁଷୋତ୍ତମ ତତ୍ତ୍ୱର ସର୍ବୋତ୍ତମ ପ୍ରଚେଷ୍ଟା ।

ସେଥିପାଇଁ 'ଉଡ୍ଡୀଶ ତନ୍ତ୍ରରେ' ଉଲ୍ଲେଖ ଅଛି -

**ଯୋଗମାୟା ପରା ନିତ୍ୟା ସୁଭଦ୍ରା ମୋହରୂପିଣୀ**
**ନିର୍ଗୁଣା ବିଷ୍ଣୁମାୟାସି ନାଦବିଦ୍ୟାମୟୀ ସ୍ୱୟମ୍ ।**

''ନୀଳତନ୍ତ୍ର''ରେ ଉଲ୍ଲେଖ ଅଛି -

**ଉଭୟୋଃଚୈତନ୍ୟୟୋର୍ମଧ୍ୟେ**
**ବିଶ୍ୱାସଲକ୍ଷବୋଧକମ୍ ।**

ଦେବୀ ସୁଭଦ୍ରା ତେଣୁ ଆଦ୍ୟାଶକ୍ତି ଯୋଗମାୟା । ଜୀବାତ୍ମାର ଗତି ନିୟନ୍ତ୍ରଣକାରିଣୀ ଶକ୍ତି । ଶଙ୍ଖନାଭି ସିଂହାସନ (ରତ୍ନ ସିଂହାସନ)ରେ ଦେବୀ ସୁଭଦ୍ରା ଯୋଗମାୟା ରୂପ ଧାରଣ କରି ଅବତୀର୍ଣ୍ଣା । ଦେବୀ ସୁଭଦ୍ରା ସର୍ବ ଦେବୀତତ୍ତ୍ୱର ମୂଳାଧାର ପ୍ରକୃତିରୂପିଣୀ ଅଟନ୍ତି । ସେ ସାକ୍ଷାତ ଲୋକମାତା । ମା' ରୂପେ ହିଁ ଅବତୀର୍ଣ୍ଣା ।

ଲୋକମୁଖରେ ପରିଚିତା ମାଉସୀ ମା' ମୂଳତଃ ମାତା ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା । ତେଣୁ ସୁଭଦ୍ରାଙ୍କ ଭଗ୍ନୀ । ଅତଏବ ତାଙ୍କର ମୁଖାରବିନ୍ଦ ସୁଭଦ୍ରାଙ୍କ ପରି ଆରୋପିତ ହୋଇଛି । ଯେହେତୁ ସୁଭଦ୍ରା ମୌଳିକତଃ ଲୋକମାତା ଭାବେ ଶ୍ରୀଜଗନ୍ନାଥ ତତ୍ତ୍ୱରେ ପ୍ରକୀର୍ତ୍ତିତା, ସେହେତୁ ତାଙ୍କରି ଅଙ୍ଗସମ୍ଭୂତା ଏ' ଦେବୀ ଲୋକମୁଖରେ ମାଉସୀ ମା' ଭାବରେ ପରିଚିତା ହେବା ସ୍ୱାଭାବିକ ।

**ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧାଶନୀ ଶବ୍ଦ ବ୍ୟବହାରର ତାତ୍ପର୍ଯ୍ୟ :-**

ଶାସ୍ତ୍ର ପ୍ରକାରେ ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀ କୁଣ୍ଡରୁ କାରଣୋଦକ ନିର୍ଝରିତ ହୋଇ ମହାପ୍ରଳୟ ସଂଘଟିତ ହେଲା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଇଥାଏ । ଯଥା :-

**ଅତ୍ର ପ୍ରତିଷ୍ଠିତଂ ବାରି ପ୍ରଳୟେ ଯତ୍ ପ୍ରବର୍ଦ୍ଧତେ,**
**ଅତ୍ରୈବ ଲୀୟତେ ପଶ୍ଚାଉସ୍ମାତ୍ ରୌହିଣସଂଜ୍ଞିତମ୍ ।**

ଏହି ଘଟଣା କେବଳ ଯୁଗାବର୍ତ୍ତନ କାଳରେ ହିଁ ଘଟିଥାଏ । ଏକଦା ପ୍ରଳୟ ପରେ ପୃଥିବୀ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲା । ଏହାପରେ ମା' ଲକ୍ଷ୍ମୀ ବିଷ୍ଣୁମାୟା ଯୋଗମାୟାଙ୍କ ଠାରେ ଏପରି ଘଟଣାର ବର୍ଣ୍ଣନା କରନ୍ତେ, ଯୋଗମାୟା ଆପଣା ଅଙ୍ଗରୁ ଏକ ମାତୃଶକ୍ତି ଜାତ କରି ପ୍ରଳୟ ଜଳକୁ ଶୋଷଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ଫଳ ସ୍ୱରୂପ ଶ୍ରୀକ୍ଷେତ୍ର ରକ୍ଷା ହେଲା, ସୃଷ୍ଟି ସର୍ଜନାର ସଂରକ୍ଷଣ ସମ୍ଭବ ହେଲା, ତେଣୁ ସେ ପ୍ରଳୟୋଦକ ଶୋଷଣକାରିଣୀ ଶକ୍ତି 'ଅର୍ଦ୍ଧଶୋଷଣୀ' ।

ତେବେ ଅନ୍ୟ ଦିଗରୁ ବିଚାର କଲେ, ଆମେ ଦେଖୁ, ଅର୍ଦ୍ଧଶୋଷଣୀର ସନ୍ଧି ବିଚ୍ଛେଦ ହେଲା - ଅର୍ଦ୍ଧ + ଶୋଷଣୀ = ଅର୍ଦ୍ଧଶୋଷଣୀ । ତୈତ୍ତିରୀୟ ଉପନିଷଦ୍ ବା ସଂହିତାରେ ୧,୧,୩,୧୨ ମନ୍ତ୍ରରେ ସଂଗୁପ୍ତ ଅଛି ।

**ତସ୍ୟ ତାନ୍ତସ୍ୟ ହୃଦୟମାଚ୍ଛିନ୍ଦମ୍**

ଶକ୍ତିଙ୍କର ଦୁଇ ରୂପ - ବିଦ୍ୟା ଓ ଅବିଦ୍ୟା । କେନୋପନିଷଦ୍ (୨-୧୦-୨୫)ରେ ଉଲ୍ଲେଖ ଅଛି :-

**ବିଦ୍ୟାଂ ଚାବିଦ୍ୟାଂ ଚ ଯସ୍ତଦ୍ ବେଦୋଭୟଂ ସହ,**
**ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।**

ଦେବୀ ଭାଗବତରେ (୩-୧୮-୫୦) ମଧ୍ୟ ଉଲ୍ଲେଖ ଅଛି :-

**ବିଦ୍ୟାବିଦ୍ୟେତି ଦେବ୍ୟା ଦ୍ୱେ ରୂପେ ଜାନୀହି ପାର୍ଥିବ ।**
**ଏକୟା ମୁହ୍ୟତେ ଜନ୍ତୁରନ୍ୟୟା ବଧ୍ୟତେ ପୁନଃ ॥**

ଅତଏବ ପରାଶକ୍ତି ଅବିଦ୍ୟା ରୂପରେ ଜୀବକୁ ସଂସାରରେ ଆବଦ୍ଧ କରି ରଖେ ଓ ବିଦ୍ୟା ରୂପରେ ଜୀବକୁ ମୁକ୍ତିଦାନ କରେ । ତେଣୁ ଏହି ବିଦ୍ୟା ଓ ଅବିଦ୍ୟା ଶକ୍ତି ହିଁ ଗୁଣାତୀତା ସ୍ୱରୂପ । ଶକ୍ତି ଓ ଗୁଣାଶ୍ରୟା ଶକ୍ତି । ଯେଉଁ ଶକ୍ତି ବାକ୍ୟ, ମନର ଅତୀତ, ଗୋଚରା ବିଶେଷଣହୀନା, କେବଳ ଜ୍ଞାନୀଜନଙ୍କର ଜ୍ଞାନ ଦ୍ୱାରା ଅନୁଭୂତା, ସେ ହିଁ ପୁରୁଷୋତ୍ତମଙ୍କର ସ୍ୱରୂପଭୂତା ପରାଶକ୍ତି । ସର୍ବଭୂତ ମଧ୍ୟରେ ଯେ ଗୁଣାଶ୍ରୟା ଶକ୍ତି, ସେ ଅପରା ଶକ୍ତି ।

ଅତଏବ ଜ୍ଞାନ ଓ ଅଜ୍ଞାନ ପ୍ରସଙ୍ଗରେ ଜ୍ଞାନଶକ୍ତି ପରାଶକ୍ତିଙ୍କ କାର୍ଯ୍ୟକାରିତାକୁ ନେଇ ଉପରୋକ୍ତ ଶବ୍ଦର ଅର୍ଥ ହେଲା, ଯିଏ ହୃଦୟ କନ୍ଦରର ଅଜ୍ଞାନତାକୁ ଭେଦ କରନ୍ତି ବା ଶୋଷଣ କରନ୍ତି, ସେ ଅର୍ଦ୍ଧଶୋଷଣୀ ଶକ୍ତି ଅଟନ୍ତି । କାଳିଦାସ କୁମାରସମ୍ଭବ କାବ୍ୟ ସମ୍ଭାରରେ କହିଛନ୍ତି ଯେ, ଅଶନୀ ଶବ୍ଦ ଶୋଷଣ କ୍ରିୟାର ରୂପାନ୍ତର ମାତ୍ର । ଯଥା -

**ଅଶନେରସୃତସ୍ୟ ଚୋଭୟ ଚିଶିନ୍**
**ଶ୍ୱାମୁଧାରାଷ୍ଟ ଯୋନୟଃ ।**

ଅତଏବ ଏହା ନିଷ୍କର୍ଷ ହେଲା ଯେ, ଶୋଷଣ କ୍ରିୟାକୁ କେନ୍ଦ୍ର କରି ଉକ୍ତ ଦେବୀଙ୍କର ନାମକରଣ ହୋଇଛି । ତେଣୁ ଏହି ଦେବୀ ଅଖିଳ ଜନସମାଜର ମାତୃଭଗ୍ନୀ ହୋଇଥିବାରୁ ସୁଭଦ୍ରା ରୂପିଣୀଙ୍କର ଏପରି ରୂପଯୁକ୍ତା ଅର୍ଦ୍ଧାଶନୀ ମାଉସୀ ମା' ହେବାରେ କୌଣସି ବାଧକ ନାହିଁ ।

ପୁନଶ୍ଚ ଅନ୍ୟ ଏକ ଦୃଷ୍ଟିରୁ ବିବେଚନା କଲେ, ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧାଶନୀ ଦେବୀଙ୍କର ଅନ୍ୟ ଏକ ସ୍ୱତନ୍ତ୍ର

ପରିଚୟ ମିଳିଥାଏ ।

ପ୍ରାଚୀନ ଓଡ଼ିଶାରେ ପ୍ରାକ୍‌ବୈଦିକ ଯୁଗରୁ ଏଠାରେ ଯୂପ ବା ଯୂପାକାର ବିଗ୍ରହ ଜାତୀୟ ଉପାସ୍ୟ ଦେବତା ଥିଲେ ।

ଭାରତବର୍ଷର ଆଧ୍ୟାତ୍ମିକ ଜଗତରେ ପୂଜାର ମୁଖ୍ୟ ହେଲା ଧ୍ୟାନ । ତାହାର ପରିଣାମ ହେଲା ଆତ୍ମୋପଲବ୍ଧି । ବସ୍ତୁବୋଧ ସମସ୍ତ ପୂଜାର ମୂଳ । ଏହାର ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଅବସ୍ଥା ପ୍ରତୀକବାଦ । ପ୍ରତୀକରୁ ଆସିଲା ରୂପ । ପ୍ରତୀକ ପୂଜା ତେଣୁ ଭାରତୀୟ ପୂଜନ ପଦ୍ଧତିରେ ଅତ୍ୟନ୍ତ ଉଚ୍ଚକୋଟିର । ଏହା ମୁଖ୍ୟତଃ ଚାରିଭାଗରେ ବିଭକ୍ତ । ଯଥା- (୧) ବୃକ୍ଷ ପୂଜା, (୨) ଅପୌରୁଷେୟ ବସ୍ତୁ ପୂଜା, (୩) ଅକ୍ଷର ବା ବ୍ରହ୍ମବୀଜର ପୂଜା ଓ (୪) ସାଙ୍କେତିକ ରେଖା ଆଦି ନ୍ୟାସିତ ଯନ୍ତ୍ରପୂଜା । ଅକ୍ଷର ବା ବ୍ରହ୍ମବୀଜ ପୂଜାତନ୍ତ୍ରରେ ବର୍ଣ୍ଣବୀଜ ସହ ଜଡ଼ିତ । ତେବେ ପ୍ରାଚୀନତାର ପ୍ରଣବ ବା ଓଁକାର ଉପାସନା କେବଳ ମନ୍ତ୍ର ରୂପରେ ଜପଧ୍ୟାନରେ ବ୍ୟବହୃତ ହେଉ ନ ଥିଲା । ଯଜ୍ଞର କୁଶାଣ୍ଡିକା କର୍ମରେ ସମସ୍ତ ଦ୍ରବ୍ୟର ପରିଶୁଦ୍ଧି କରଣରେ ଓଁକାର ଲେଖିଦେଇ ତାକୁ ପୂଜା କରାଯାଉଥିଲା । ଯଜ୍ଞ କର୍ମରେ ଯୂପର ଅଗ୍ର ଦେଶରେ କୁଣ୍ଡମେଖଳାରେ ଅତି ପବିତ୍ର ମନ୍ତ୍ର ସହ ନାଦରେଖା, ଅର୍ଦ୍ଧଚନ୍ଦ୍ରାକୃତି ରେଖା, ଅମୃତି ସ୍ୱସ୍ତିକ, ଷଟ୍‌କୋଣ, ପଦ୍ମ ଇତ୍ୟାଦି ରେଖାଚିତ୍ର ଅଙ୍କନ କର୍ମକୁ ବ୍ରହ୍ମାଳଙ୍କରଣ କର୍ମ କୁହାଯାଏ ।

ଏହି କ୍ରିୟା ଚତୁଷ୍ଟୟ ପ୍ରାଚୀନ ପୂଜା ପଦ୍ଧତିରେ ମୁଖ୍ୟ ଥିଲା ଓ ଏ'ଯାବତ୍ ସାଧକମାନଙ୍କର ମାନ୍ୟତାପ୍ରାପ୍ତ ହୋଇଛି । ବିଶ୍ୱାସ କରାଯାଏ, ଏହି ଚତୁଷ୍ଟୟ ପ୍ରତୀକ ଲକ୍ଷଣଯୁକ୍ତ ଶ୍ରୀଜଗନ୍ନାଥଙ୍କର ଆଦ୍ୟ ଓ ମୌଳିକ ବିଗ୍ରହ ଇନ୍ଦ୍ରନୀଳମଣିରେ ଥିବାରୁ ତାହା ଉପାସ୍ୟ ରୂପରେ ଶାବର, ବ୍ରାତ୍ୟ ଓ ଆର୍ଯ୍ୟ ସଂସ୍କୃତିରେ ଗୃହୀତ ଓ ସ୍ୱୀକୃତ ହୋଇଛନ୍ତି । ଯୂପାକାର ଇନ୍ଦ୍ରନୀଳମଣି ମୂର୍ତ୍ତି ଯାହାକି ଶାବର ସାମନ୍ତ, ବ୍ରାତ୍ୟଧର୍ମୀ ବିଶ୍ୱାବସୁଙ୍କର ଆଦ୍ୟ ଅର୍ଚ୍ଚାମୂର୍ତ୍ତି, ଯିଏ କି ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ଗର୍ଭରେ ସଂଗୁପିତ, ସେହି ଯୂପାକାର ମୂର୍ତ୍ତିକୁ କେନ୍ଦ୍ରକରି ସ୍ତମ୍ଭ ବା ସ୍କମ୍ଭ ଉପାସନା ସ୍ମରଣାତୀତ କାଳରୁ ଏ' କ୍ଷେତ୍ରରେ ପ୍ରଚଳିତ ହୋଇ ଆସୁଛି ।

ଯଜମାନବର୍ଗ ପ୍ରାଚୀନ ଉତ୍କଳରେ ଯୂପ ବା ଯୂପାକାର ବିଗ୍ରହ ଜାତୀୟ ଉପାସ୍ୟ ଦେବତାଙ୍କ ସ୍ୱକୀୟ ଧର୍ମଧାରଣାକୁ ପ୍ରତୀକବାଦକୁ ନେଇ ଏକ ଉନ୍ନତ ଚିନ୍ତାଧାରାର ସାଙ୍କେତିକ ରୂପରେ ଯୂପ, ଚମସ, ପ୍ରୋକ୍ଷଣୀ ପ୍ରଭୃତିକୁ ପ୍ରବିତ୍ର ଭାବରେ ବ୍ୟବହାର କରୁଥିଲେ । ସମସ୍ତ ପ୍ରତିଷ୍ଠା ଆଦି କର୍ମ ଏହି ଯୂପକୁ ଧର୍ମସାକ୍ଷୀ ରୂପରେ କୀର୍ତ୍ତିର ଈଶାନ କୋଣରେ ସ୍ଥାପନା କରି ଉପାସନା କରୁଥିଲେ । ଯଜ୍ଞ ଅନୁଷ୍ଠାନମାନଙ୍କରେ ଦାରୁ ବା ପାଷାଣର ଏକ ସ୍ତମ୍ଭ ସ୍ଥାପିତ ହୋଇ ଓ ସବିଧି ପୂଜା ହେଉଥିଲା । ଏହିପରି ସ୍ତମ୍ଭକୁ ଯୂପ କୁହାଯାଏ । ଶ୍ରୀକ୍ଷେତ୍ରର ଧର୍ମଯୂପ ସୁଦର୍ଶନ ଠାରୁ ଆରମ୍ଭ କରି ଯୂପାକାର ମା' ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ସହ ଶିଳପୁଆ ତଥା ଆର୍ଯ୍ୟେତର ଗୃହସ୍ଥର ଈଶାଣ କୋଣରେ ସ୍ଥାପିତା ମୃତ୍ତିକା ନିର୍ମିତ ସ୍ତମ୍ଭାକାର ବିଗ୍ରହ ତଥା ପିତୃ ପୁରୁଷଙ୍କର ଗାଦିବ୍ରହ୍ମ - ସମସ୍ତ ହିଁ ଯୂପାକାର ।

ତେଣୁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ଆଡ଼ପ ମଣ୍ଡପ (ଗୁଣ୍ଡିଚା ବାଡ଼ି ବା ଗୁଣ୍ଡିଚା ମନ୍ଦିର)ରେ ଯଜ୍ଞ ଆରମ୍ଭ କଲେ, ସେତେବେଳେ ସେ ଯୂପଶକ୍ତି ଭାବରେ ଅର୍ଦ୍ଧାଶନୀଙ୍କୁ ପ୍ରତିଷ୍ଠା କରିଥିଲେ ଆଡପ ମଣ୍ଡପର ଐଶାନ୍ୟ କୋଣରେ । ବର୍ଦ୍ଧନୀ ଜଳରେ ଅଭିଷେକ କରି ସ୍ତମ୍ଭାକାର ତଥା ଶିଳାକାର ଯୂପଙ୍କୁ ପ୍ରୋଥିତ କରିଥିଲେ । ବର୍ଦ୍ଧନୀ କଳସର ଅର୍ଦ୍ଧେକ ଜଳ ଏହି ଯୂପ ଦେବୀଙ୍କୁ ସମର୍ପିତ ହୋଇଥିବା ଯୋଗୁଁ ଅର୍ଦ୍ଧାଶନୀ ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ବାଡ଼ିର ଯୂପଶକ୍ତି । ଯଜ୍ଞାଙ୍ଗ ରୂପରେ ଯଜ୍ଞର ଅନ୍ତିମ ଦିବସରେ ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ପୁରୋଡ଼ାଶ ନୈବେଦ୍ୟ ଦେଇଥିଲେ । ବାହୁଡ଼ା ଦଶମୀ ଦିନ ପୋଡ଼ପିଠା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଅର୍ଦ୍ଧାଶନୀ ଦେବୀ ନୈବେଦ୍ୟ ପାଇଁ ଅର୍ପଣ କରିଥାନ୍ତି । ଏହି ଯଜ୍ଞଶକ୍ତିଙ୍କୁ ପ୍ରପାପନ ପୁରୋଡ଼ାଶ ଦେଇ ଯଜ୍ଞ କର୍ମର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା ।

ଏହାର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ବାହୁଡ଼ା ଦଶମୀ ଦିନ ଶ୍ରୀଜଗନ୍ନାଥଙ୍କ ରଥ ଏହି ଅର୍ଦ୍ଧାଶନୀଙ୍କ ପାଖରେ ଅଟକେ । ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପୁରୋଡ଼ାଶ ବା ପୋଡ଼ପିଠା ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତାରେ ପ୍ରସ୍ତୁତ ପିଠା ଶ୍ରୀଜଗନ୍ନାଥଙ୍କୁ ମା' ଅର୍ଦ୍ଧାଶନୀଙ୍କ ତରଫରୁ ନୈବେଦ୍ୟ ଆକାରରେ ଅର୍ପଣ କରାଯାଏ ।

**ଦେବୀଙ୍କର ସ୍ଥିତି, ସ୍ୱରୂପ ଓ ମନ୍ଦିରର ସାଂପ୍ରତିକ ସ୍ଥିତି :-**

ଅର୍ଦ୍ଧାଶନୀ ଦେବୀ ବଡ଼ଦାଣ୍ଡରେ ଦୟିତାପଡ଼ା ସାହିର ପାର୍ଶ୍ୱଦେଶରେ ଅବସ୍ଥିତା । ପ୍ରଳୟ ଉଦକକୁ ଯୋଗମାୟା ସୁଭଦ୍ରିକାଙ୍କ ଅଙ୍ଗସମ୍ଭୂତା ଅର୍ଦ୍ଧଶୋଷଣୀ ଶୋଷଣ କରିଦେବା ପରେ ଶ୍ରୀକ୍ଷେତ୍ର ରକ୍ଷା ପାଇଲା ଓ ଶବର ବିଶ୍ୱାବସୁ ବଂଶଜମାନେ ରକ୍ଷା ପାଇଲେ । ଫଳସ୍ୱରୂପ ମା' ତାଙ୍କର ଇଷ୍ଟରୂପେ ପରିଗୃହୀତା ହେଲେ ଓ ଶବରାର୍ଚ୍ଚକମାନେ ଅର୍ଥାତ୍ ଦୟିତା

ସେବକମାନେ ସେହିଦିନ ଠାରୁ ପୂର୍ବ ତଥା ଉତ୍ତର ପୂର୍ବ ଦିଗରେ ବସତି ସ୍ଥାପନ କଲେ (ପୂର୍ବରୁ ପଶ୍ଚିମରେ ଥିଲେ) ଓ ତାଙ୍କୁ ଆପଣାର କୁଳଦେବୀ ଭାବେ ସ୍ୱୀକାର କଲେ । ଏହାଙ୍କୁ ଗୁହ୍ୟମୂର୍ତ୍ତିର ପରିଚୟ ଦେବାକୁ ଯାଇ ତଥା ମା' ସୁଭଦ୍ରାଙ୍କ ଅଙ୍ଗସମ୍ଭୂତା ହେବାର ପ୍ରମାଣ ଦେବାକୁ ଯାଇ ମୂର୍ତ୍ତିଙ୍କର ଊର୍ଦ୍ଧ୍ୱଭାଗକୁ ଲେପ ସଂସ୍କାର କର୍ମ ଅନୁସାରେ ସୁଭଦ୍ରାଙ୍କ ମୁଖାରବିନ୍ଦ କରିଛନ୍ତି ।

ପୁନଶ୍ଚ ଆଡ଼ପ ମଣ୍ଡପର ଯୂପଶକ୍ତି ରୂପେ ପ୍ରଖ୍ୟାତା ଏହି ଅର୍ଦ୍ଧାଶନୀ ଦେବୀଙ୍କୁ ଯଜ୍ଞର ଅନ୍ତିମ ଦିବସରେ ପ୍ରଦତ୍ତ ନୈବେଦ୍ୟର ସ୍ମାରକୀ ସ୍ୱରୂପ ବାହୁଡ଼ା ଦଶମୀ ଦିନ ଶ୍ରୀଜଗନ୍ନାଥଙ୍କ ରଥ ଫେରନ୍ତି ବାଟରେ ଏଠି ପହଞ୍ଚିଲେ ପୋଡ଼ପିଠା ନୈବେଦ୍ୟ ଆକାରରେ ଅର୍ପଣ କରାଯାଏ ।

ଏହି ଅର୍ଦ୍ଧାଶନୀ ଦେବୀଙ୍କର ଧ୍ୟାନରୁ ଜଣାପଡ଼େ, ସେ ଦ୍ୱିଭୁଜା, ମାଳା ଓ ଅଭୟ ମୁଦ୍ରା ବିଭୂଷିତା । ସେ ବିଷ୍ଣୁଙ୍କର ପ୍ରିୟ ଦେବୀ ଓ ପ୍ରଳୟଜଳ ଶୋଷିକା ।

**ଦ୍ୱିଭୁଜା ସୌମ୍ୟବଦନା ଅଭୟ ଅକ୍ଷ ଧାରିଣୀ,**
**ବିଷ୍ଣୁପ୍ରିୟାଙ୍ଗସମ୍ଭୂତା ପ୍ରଳୟବାରିଶୋଷିକା,**
**ନାନାବସନଭୂଷିତା ଆର୍ତ୍ତତ୍ରାଣପରାୟଣୀ,**
**ଅର୍ଦ୍ଧାଶନୀ ନମସ୍ତେ ତୁ ଭକ୍ତାନାଂ ଅଭୟପ୍ରଦା ।**

ଶବର ବା ଦୟିତାମାନଙ୍କର ବାସସ୍ଥଳୀକୁ ସୁରକ୍ଷା ପ୍ରଦାନ କରିଥିବା ଯୋଗୁଁ ଦେବୀ ଅର୍ଦ୍ଧାଶନୀ ଶବରାର୍ଚ୍ଚିକ ବା ଦୟିତା ସାମନ୍ତମାନଙ୍କ ଇଷ୍ଟଦେବୀଙ୍କ ମାନ୍ୟତା ପାଇଛନ୍ତି ।

ଏହି ଦେବୀ 'ବନଦୁର୍ଗା' ମନ୍ତ୍ରରେ ପୂଜା ପାଆନ୍ତି । ସଂପ୍ରତି ଶ୍ରୀକ୍ଷେତ୍ରର ଦାଶ ବ୍ରାହ୍ମଣ ଶ୍ରୀ ରଘୁନାଥ ଦାଶଙ୍କ ଦ୍ୱାରା ସେ ନିୟମିତ ପୂଜା ପାଉଛନ୍ତି । ଦେବୀଙ୍କ ନିକଟରେ ସକାଳ ଓ ସନ୍ଧ୍ୟାବେଳେ କେବଳ ଦୁଇଥର ବାଲଭୋଗ (ଶୁଖିଲା ଭୋଗ) ହୋଇଥାଏ । ଏ' ଯାବତ୍ ଦେବୀ କେବଳ ଗୋଟିଏ ବଂଶର ପୂଜକଙ୍କଦ୍ୱାରା ପୂଜା ପାଇ ଆସୁଛନ୍ତି ।

ମୌଳିକ ରୂପରେ ମା' ଅର୍ଦ୍ଧାଶନୀ କୃଷ୍ଣପ୍ରସ୍ତର ନିର୍ମିତ ଖମ୍ବାକାର ରମଣୀୟ ମୂର୍ତ୍ତି । ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ଛାୟା ଓ ମାୟା ନାମରେ ଦୁଇଜଣ ପାର୍ଶ୍ୱଦେବୀ ବିଦ୍ୟମାନା । ବିଗ୍ରହର କଟିଦେଶରୁ ଉପର ଅଂଶକୁ ଆଚ୍ଛାଦିତ କରି ମା' ସୁଭଦ୍ରାଙ୍କ ମୁଖାଟିଏ ପ୍ରଚ୍ଛାଦନ କରି ଦିଆଯାଇଛି ।

ବର୍ଷକରେ ଦୁଇଥର ଅର୍ଥାତ୍ ଆଶ୍ୱିନ ଓ ଆଷାଢ଼ ମାସରେ ଏହି ମୁଖାର ବନକଲାଗି ବା ରଙ୍ଗ ହୋଇଥାଏ । ଏହି ମନ୍ଦିର ପ୍ରତ୍ୟହ ପ୍ରାତଃ ୬ ଘଟିକାରୁ ରାତ୍ର ୯ ଘଟିକା ଯାଏଁ ଖୋଲା ରହିଥାଏ । ମୁଖ୍ୟତଃ ବଙ୍ଗୀୟ ଯାତ୍ରୀ ଏଠାକୁ ଦର୍ଶନରେ ଆସନ୍ତି । ମନ୍ଦିର ପରିସରରେ ଏକ ତୁଳସୀ ଚଉରା ଓ ଯାତ୍ରୀମାନଙ୍କ ପାଇଁ ଏକ ନଳକଳର ସୁବିଧା ଅଛି । ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୨୦ ଫୁଟ ମଧ୍ୟରେ । ମନ୍ଦିର ବର୍ଷକରେ ଥରେ ଚୂନ ଦିଆଯାଇଥାଏ । ମନ୍ଦିରର ଦ୍ୱାରଦେଶରେ ଦୁଇଟି ବୃହତ୍ ଆକାରର ସିଂହ ବଡ଼ଦାଣ୍ଡକୁ ସମ୍ମୁଖ କରି ବସିଛନ୍ତି । ଦେବୀଙ୍କର ଦ୍ୱାର ସମ୍ମୁଖରେ ଦେବୀଙ୍କର ମହାକେଶରୀ ଅଜ୍ଞାନରୂପକ ଗଜକୁ ମାଡ଼ିବସି ଅଜ୍ଞାନହାରିଣୀ ପରାମ୍ବା ମା' ଅର୍ଦ୍ଧାଶନୀଙ୍କୁ ନିତ୍ୟ ଦର୍ଶନ କରୁଛି । ଦେବୀଙ୍କର ମନ୍ଦିର ମୁଖ୍ୟ ମନ୍ଦିର, ମୁଖଶାଳା ଓ ଜଗମୋହନ ଏପରି ତିନିଭାଗରେ ବିଭକ୍ତ । ମନ୍ଦିରର ଜଗମୋହନରେ ଦଶ ଅବତାର, ଦଶ ମହାବିଦ୍ୟା, ଦଶଭୁଜା ଦୁର୍ଗା, ନବଗ୍ରହ, ଶିବପାର୍ବତୀ, ଜଗନ୍ନାଥ, ରାଧାକୃଷ୍ଣ, ସୀତାରାମ, ନୃସିଂହ, ଗଣେଶ, ହନୁମାନ ଆଦି ଦେବଦେବୀଙ୍କର ଚିତ୍ରପ୍ରତିମା ମଧ୍ୟ ନିତ୍ୟ ପୂଜା ପାଉଛନ୍ତି ।

ଏହି ମନ୍ଦିର କେଶରୀବଂଶ ରାଜାଙ୍କ ରାଜୁତି ସମୟରେ ନିର୍ମିତ ହୋଇଥିବା ଜଣାଯାଏ ।

**ନୈବେଦ୍ୟ ପୁରୋଡ଼ାଶ ବା ପୋଡ଼ପିଠାର ବୈଶିଷ୍ଟ୍ୟ :-**

ବାହୁଡ଼ା ଦଶମୀରେ ଯେତେବେଳେ ଶ୍ରୀଜୀଉମାନେ ରଥରେ ଉପବେଶନ କରି ଆଡ଼ପ ମଣ୍ଡପ (ଗୁଣ୍ଡିଚା ମନ୍ଦିର) ରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି, ସେତେବେଳେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଏହି ମାଉସୀ ମା' ବା ଅର୍ଦ୍ଧାଶନୀଙ୍କ ମନ୍ଦିର ସମ୍ମୁଖରେ ଅଟକି ଯାଏ । ପରମ୍ପରାକ୍ରମେ ମାଉସୀ ମା' ମନ୍ଦିର ତରଫରୁ ପୋଡ଼ପିଠା ଶ୍ରୀଜଗନ୍ନାଥଙ୍କଠାରେ ଭୋଗ ଲାଗେ । ମାତ୍ର ଏହି ପୋଡ଼ପିଠା ଭୋଗ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କରାଯାଏ ନାହିଁ । ମାଉସୀମା ମନ୍ଦିର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ନିୟନ୍ତ୍ରଣ ବା ପରିଚାଳନାଧୀନ ନୁହେଁ । ମାତ୍ର ପୋଡ଼ପିଠା ଭୋଗ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରତିବର୍ଷ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥାଏ ।

ଏହି ପୋଡ଼ପିଠା ଛେନା, ଗହମଅଟା, ଚାଉଳଚୁନା, ଭଲଘିଅ, ବାଦାମ, କିସମିସ୍, ଅଳେଇଚ, ଲବଙ୍ଗ ଆଦି ବିଭିନ୍ନ ସ୍ୱାଦିଷ୍ଟ ଦ୍ରବ୍ୟରେ ପ୍ରସ୍ତୁତ ହୋଇଥାଏ । ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ଏକ ମାଟିତାଡ଼ରେ ରଖି ତା' ଉପରେ ଢ଼ାଙ୍କୁଣୀ ଘୋଡ଼ାଇ ଦିଆଯାଏ । ଉକ୍ତ ତାଡ଼ରେ ପୂର୍ବରୁ ଥିବା ଜଳର ବାଷ୍ପରେ ଏହା

ସଂପୂର୍ଣ୍ଣ ସିଝିଯାଏ । ସିଝି ଗଲାପରେ ଏହାକୁ ଥଣ୍ଡା କରାଯାଇ ଖଣ୍ଡ ଖଣ୍ଡ କରି କାଟି ଭଲଘିଅରେ ଛଣାଯାଏ । ଏହି ପୋଡ଼ପିଠା ଭୋଗ ହୋଇ ସାରିବା ପରେ ଯାତ୍ରା ପୂର୍ବରୁ ଟଙ୍କା ଦେଇଥିବା ବ୍ୟକ୍ତିବିଶେଷ ଓ କେତେକ ମନ୍ଦିର ସେବାୟତମାନଙ୍କ ମଧ୍ୟରେ ତାହା ବିତରଣ କରାଯାଏ । ଏହି ପୋଡ଼ପିଠା ଦୀର୍ଘ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ତାଜା ରହିପାରେ ।

**ଶେଷକଥନୀ :-**

ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାଖେଳାର ଅଂଶଭୂତା ଅର୍ଦ୍ଧାଶନୀ ଅର୍ଦ୍ଧଶୋଷଣୀ ଜଗଜ୍ଜନନୀ ଲୋକମାତା ରତ୍ନସିଂହାନାରୂଢ଼ା ସୁଭଦ୍ରାଙ୍କର ଅଙ୍ଗସମ୍ଭୂତା ହେତୁ ଜନଜୀବନରେ ଓ ଜନମାନସରେ ମାଉସୀ ମା' ଭାବରେ ହିଁ ଖ୍ୟାତା । ମା' ଅର୍ଦ୍ଧାଶନୀ ସର୍ବତନ୍ତ୍ର ସ୍ୱତନ୍ତ୍ରା ଓ ବୈଶିଷ୍ଟ୍ୟପୂର୍ଣ୍ଣ ଆପଣା ମହିମାରେ ମହିମାନ୍ୱିତା ।

ସେ ଘୋଷଣା କରୁଛନ୍ତି, ମାନବର ପାରିବାରିକ ଜୀବନରେ ବୁଢ଼ୀ ମା'ର ସ୍ଥିତି ଯେମିତି ତାର ନାତି ନାତୁଣୀଙ୍କ ପାଖରେ ସଦା ଉଜ୍ଜୀବିତ ଓ ବିଦେଶାଗତ ନାତିନାତୁଣୀମାନଙ୍କୁ ଶଙ୍ଖୋଳିବାକୁ ଯେମିତି ଅର୍ଦ୍ଧାହାରୀ ମାଉସୀ ମା'ର ସ୍ନେହକାଙ୍ଗାଳ ମନ ଓ ସ୍ନେହବତୁରା ତନୁ ଅନାଇ ବସିଥାଏ, ଠିକ୍ ସେମିତି ରଥଦାଣ୍ଡର ଏକ ପାର୍ଶ୍ୱରେ ବୁଢ଼ୀ ମାଉସୀ ମା' ଅନାଇ ବସିଥାଏ ପ୍ରାଣର ସଙ୍ଖାଳି କଳାବଦନ ଶ୍ରୀଜଗନ୍ନାଥଙ୍କୁ ଓ ତାଙ୍କ ସହୋଦର ଓ ସହୋଦରାଙ୍କୁ ପୋଡ଼ପିଠା ଖୁଆଇବାକୁ ।

ଏହି ଅତି ଉଚ୍ଚ ପରଂପରା ଶାଣିତ ଓଡ଼ିଆଘରର ପ୍ରତିଭୂ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ କିଏ କରିପାରେ ?

ଏଥରର ଶ୍ରୀଗୁଣ୍ଡିଚା ଯାତ୍ରାରେ କ୍ଷୀଣାଙ୍ଗୀ, ଅର୍ଦ୍ଧାହାରୀ ମାଉସୀ ମା'ର ସ୍ନେହ ପଖଳା ଆଶିଷ ଶ୍ରୀଜଗନ୍ନାଥଙ୍କ ଦୟଣାମାଳ ସହ ଝରିପଡୁ ସମସ୍ତଙ୍କ ଉପରେ । ସମସ୍ତେ ଆନନ୍ଦରେ ମଜ୍ଜି ରହି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିଲୋକର ଏକୋଇଶ ପୁରୁଷ ଅତିକ୍ରମ କରି ବାଇଶି ପାହାଚରେ ପ୍ରଭୁମାନଙ୍କୁ ଆକଟାଇ ତିନି ରଥରେ ବସାଇ ୧୬ କଳା, ୧୪ ଭୁବନ ଓ ଦ୍ୱାଦଶ ବ୍ରହ୍ମାଣ୍ଡକୁ ଦୁଇଥର ଅତିକ୍ରମ କରି ୮୪ ନରକ ଯନ୍ତ୍ରଣାରୁ ମୁକ୍ତି ପାଇ ଏ ଜୀବ ପରମ ସହ ଯୁଗନଦ୍ଧ ଅବସ୍ଥାରେ ସଦା ରହୁ, ଏହା ହିଁ ଆଜିର ଏ ପବିତ୍ର ଦିବସରେ ଭାବନା ।

□□□

**ଉପଶାସନ ସଚିବ**
**ପଞ୍ଚାୟତିରାଜ ବିଭାଗ**
**ଭୁବନେଶ୍ୱର**

**ସହାୟକ ଗ୍ରନ୍ଥସୂଚୀ :-**

୧. ନୀଳକନ୍ଦରର ଶ୍ରୀଜଗନ୍ନାଥ - ରାଜେନ୍ଦ୍ର କୁମାର ମହାନ୍ତି
୨. ତନ୍ତ୍ରଶିରୋମଣି ଶ୍ରୀଜଗନ୍ନାଥ - ରାଜେନ୍ଦ୍ର କୁମାର ମହାନ୍ତି
୩. ପୁରୀ ବୋଲି - ଡ଼. ସିଦ୍ଧେଶ୍ୱର ମହାପାତ୍ର
୪. ନୀଳାଦ୍ରି ମହୋଦୟ (ଓଡ଼ିଆ ଅନୁବାଦ) - ଡ଼. ବ୍ରଜକିଶୋର ସ୍ୱାଇଁ
୫. ଶ୍ରୀମନ୍ଦିର - ରଥଯାତ୍ରା ବିଶେଷାଙ୍କ - ୨୦୦୨
୬. ଶ୍ରୀକ୍ଷେତ୍ର - ଶ୍ରୀଜଗନ୍ନାଥ (ଦ୍ୱିତୀୟ ସ୍ତବକ)
ସଂକଳନ - ଡ଼. ବ୍ରଜମୋହନ ମହାନ୍ତି
୭. ପୁରୁଷୋତ୍ତମ ଚେତନା - ପଣ୍ଡିତ ସଦାଶିବ ରଥଶର୍ମା
୮. ଶ୍ରୀପୁରୁଷୋତ୍ତମ ଓ ଶ୍ରୀମନ୍ଦିର - ଡ଼. ସତ୍ୟନାରାୟଣ ରାଜଗୁରୁ

**ଶ୍ରୀମନ୍ଦିରର ଜଗମୋହନରେ ସ୍ଥାପିତ**

**'ହୁଣ୍ଡି' ରେ**

**ମୁକ୍ତ ହସ୍ତରେ ଦାନ କରନ୍ତୁ ।**

*ପ୍ରଶାସକ*
*ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ*